# ଭୁବନେଶ୍ୱର ଅଧିବାସୀମାନଙ୍କ ପାଇଁ ଶୁଭ ଖବର !!!



# ସେସୁର ତତ୍କାଳ ଯୋଜନା ଆପଣାନ୍ତୁ
# ନୂତନ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ

ଭୁବନେଶ୍ୱର ଅଞ୍ଚଳରେ ଏଲ୍.ଟି. ସିଙ୍ଗିଲ୍ ଫେଜ ସର୍ବାଧିକ ୫ କିଲୋୱାଟ୍ ଲୋଡ୍ ପର୍ଯ୍ୟନ୍ତ ଘରୋଇ (Domestic) ଏବଂ ବ୍ୟବସାୟିକ (General Purpose) ବିଦ୍ୟୁତ୍ ଗ୍ରାହକ ହେବା ପାଇଁ ସେସୁର ତତ୍କାଳ ଯୋଜନା ଆପଣାଇ ନିର୍ଦ୍ଧାରିତ ଦେୟ ପଇଠ କରନ୍ତୁ ଏବଂ ଦେୟ ପଇଠରେ ୩ ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ପାଆନ୍ତୁ ।

## ଆଶାୟୀ ବିଦ୍ୟୁତ୍ ଗ୍ରାହକମାନେ ଏଥିପାଇଁ କ'ଣ କରିବେ?

ପ୍ରଥମ କରି ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରୁଥିବା ବ୍ୟକ୍ତି ଉଦ୍ଦିଷ୍ଟ ଆବେଦନପତ୍ର ପୂରଣ କରି ନିମ୍ନଲିଖିତ କାଗଜ ପତ୍ର ଓ ଦର୍ଶାଯାଇଥିବା ଟଙ୍କା ସମ୍ପୃକ୍ତ ଅଞ୍ଚଳର ଡିଭିଜନ ମୂଖ୍ୟ (Executive Engineer)ଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।

୧. ଘର ବା ପରିସରକୁ ୱେୟାରିଂ କରିଥିବା କଣ୍ଟ୍ରାକ୍ଟର ସାର୍ଟିଫିକେଟ
୨. ଘର / ପରିସର ର ମାଲିକାନା କାଗଜପତ୍ର ଏବଂ ବିଡିଏ / ବିଏମ୍‌ସି ଦ୍ୱାରା ଅନୁମୋଦିତ ହୋଇଥିବା ପ୍ଲାନ୍
୩. ପ୍ରସେସିଂ ଫି ବାବଦ ୨୫ ଟଙ୍କା
୪. ଇନ୍ସପେକ୍ସନ ଫି ବାବଦ ଟଙ୍କା (ଘରୋଇ ପାଇଁ ୩୪ ଏବଂ ବ୍ୟବସାୟୀକ ପାଇଁ ୭୫)
୫. ସର୍ଭିସ କନେକ୍ସନ ବାବଦ ୧୫୦୦ ଟଙ୍କା

ବିଦ୍ୟୁତ୍ ଡିଭିଜନର ମୂଖ୍ୟ, ଆବେଦନକାରୀଙ୍କ କାଗଜପତ୍ର ଯାଞ୍ଚ କରିବେ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତତ୍କାଳ ଯୋଜନା ମାଧ୍ୟମରେ ନୂତନ ବିଦ୍ୟୁତ୍ ସଂଯୋଗ ଦିଆଯାଇ ପାରିବ କି ନାହିଁ ସର୍ବାଧିକ ତିନୋଟି କାର୍ଯ୍ୟ ଦିବସ ମଧ୍ୟରେ ଜଣାଇବେ । ସେହି ଆବେଦନକାରୀ ତତ୍କାଳ ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେଲେ ନିମ୍ନରେ ଦିଆଯାଇଥିବା ତତ୍କାଳ ଦେୟ ଏବଂ ଲୋଡ୍ ଅନୁସାରେ ପୂର୍ବରୁ ଜଣାଇ ଦିଆଯାଇଥିବା ଅମାନତ ଜମା (Security Deposit) ପଇଠ କରିବାର ତିନୋଟି କାର୍ଯ୍ୟ ଦିବସ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ପାଇବେ ।

| ଗ୍ରାହକ ଶ୍ରେଣୀ ଅନୁଯାୟୀ ତତ୍କାଳ ଦେୟ (୫ କିଲୋୱାଟ ଲୋଡ୍ ପର୍ଯ୍ୟନ୍ତ) | |
|---|---|
| ଏଲ୍.ଟି. ସିଙ୍ଗିଲ ଫେଜ୍ ଘରୋଇ (Domestic) ଆବେଦନକାରୀଙ୍କ ପାଇଁ | ଟ. ୨୦୦୦/- |
| ଏଲ୍.ଟି. ସିଙ୍ଗିଲ ଫେଜ୍ ବ୍ୟବସାୟିକ (General Purpose) ଆବେଦନକାରୀଙ୍କ ପାଇଁ | ଟ. ୪୦୦୦/- |
| ଉପରୋକ୍ତ ତତ୍କାଳ ଦେୟ ମିଟର ମୂଲ୍ୟ / ଭଡ଼ା ବ୍ୟତିରେକ । | |

ତତ୍କାଳ ଯୋଜନାରେ ଯୋଗ୍ୟ ବିବେଚିତ ହେଉ ନଥିବା ଆବେଦନକାରୀଙ୍କୁ ସାଧାରଣ ପ୍ରକ୍ରିୟାରେ ବିଦ୍ୟୁତ୍ ସଂଯୋଗ ଦିଆଯିବ ।

**ଏହି ଯୋଜନା କେବଳ ପ୍ରଥମ ବିଦ୍ୟୁତ୍ ସଂଯୋଗ (First Connection) ପାଇଁ ପ୍ରଯୁଜ୍ୟ ।**
**ପର୍ଯ୍ୟାୟକ୍ରମେ ସମସ୍ତ ସେସୁ ଅଞ୍ଚଳରେ ଏହି ତତ୍କାଳ ଯୋଜନା କାର୍ଯ୍ୟକାରୀ କରାଯିବ ।**

ସେଣ୍ଟ୍ରାଲ୍ ଇଲେକ୍ଟ୍ରିସିଟି ସପ୍ଲାଇ ୟୁଟିଲିଟି ଅଫ୍ ଓଡ଼ିଶା
୨ୟ ମହଲା, ଇଡ୍‌କୋ ଟାୱାର୍ସ, ଜନପଥ, ଭୁବନେଶ୍ୱର - ୭୫୧ ୦୨୨
ଫୋନ୍ : ୦୬୭୪-୨୫୪୧୫୭୫, ଫ୍ୟାକ୍ସ : ୦୬୭୪-୨୫୪୩୧୨୫
Website : www.cescoorissa.com / www.cesuodisha.com